
ପାଠ- ୨

# ପଦ୍ମ

**STUDY NOTES**

## MIND MAP



**କବି ଓ କବିତା :-**

କବିତା 'ପଦ୍ମ' କବିଙ୍କର ଛାନ୍ଦମାଳା ଦ୍ୱିତୀୟ ଖଣ୍ଡ ଅନ୍ତର୍ଗତ ଏକ ଭାବଗର୍ଭକ କବିତା । କବିତାଟିରେ କବିଙ୍କର ସୌନ୍ଦର୍ଯ୍ୟବୋଧ ସହିତ ଈଶ୍ୱରାନୁଭୂତି ସମ୍ମିଶ୍ରିତ । ବାଲ୍ୟାବସ୍ଥାରୁ ମଧୁସୂଦନଙ୍କର ଧର୍ମ ଓ ଈଶ୍ୱରଭକ୍ତିରେ ପ୍ରଗାଢ଼ ବିଶ୍ୱାସ ଥିଲା । କୈଶୋର ଅବସ୍ଥାରୁ ତାଙ୍କଠାରେ ପ୍ରବଳ ସତ୍ୟାନୁସନ୍ଧିତ୍ସା ଓ ସତ୍ୟାନୁରାଗ ଆଦି ବିଶେଷ ଗୁଣ ବିକଶିତ ହୋଇଥିଲା । କଟକ ସ୍କୁଲରେ ଛାତ୍ରଭାବେ ଅଧ୍ୟୟନରତ ଥିବା ସମୟରୁ ସେ ବ୍ରାହ୍ମଧର୍ମ ପ୍ରତି ଆକୃଷ୍ଟ ହୋଇଥିଲେ । ପରବର୍ତ୍ତୀ ସମୟରେ 'ଯେ ବୈ ଭୂମା ତତ୍ ସୁଖମ୍ ନାଲ୍ପେ ସତ୍ୟମସ୍ତି' – ଏହି ମହାମନ୍ତ୍ରରେ ଦୀକ୍ଷିତ ହୋଇ ସେ ନିରାକାର, ସତ୍ୟରୂପୀ ମହତୋ ମହୀମାନ୍ ପୁରୁଷଙ୍କୁ ଆରାଧନା କରିବାକୁ ଲାଗିଲେ । ତାଙ୍କୁ ସମଗ୍ର ପ୍ରକୃତି ବ୍ରହ୍ମମୟ ପ୍ରତୀୟମାନ ହେଲା । ପ୍ରକୃତିର ଛତ୍ରେ ଛତ୍ରେ ସେ ବିଶ୍ୱନିୟନ୍ତା ପରଂବ୍ରହ୍ମଙ୍କ ଉପସ୍ଥିତି ଅନୁଭବ କଲେ । ତେଣୁ ତାଙ୍କ ସୃଷ୍ଟିଗୁଡ଼ିକ ହୋଇଉଠିଲା ଆନନ୍ଦମୟ, ଅମୃତମୟ, ମଧୁମୟ ଓ ମଙ୍ଗଳମୟ । ମାନବ ପ୍ରାଣରେ ଶାଶ୍ୱତ ଚେତନା ଜାଗ୍ରତ କରିବାରେ ଏକେଶ୍ୱରବାଦରେ ବିଶ୍ୱାସୀ ଏହି ଋଷିପ୍ରତିମ କବିକଣ୍ଠରୁ ଝରିଆସିଛି ।

'ସୂର୍ଯ୍ୟ, ଚନ୍ଦ୍ର, ତାରା ତୁମ୍ଭରି ଆଜ୍ଞାରେ
ବରଷନ୍ତି ଜ୍ୟୋତି ରାଶି
ତୁମ୍ଭରି କୁସୁମ ପ୍ରତି ପ୍ରଭାତରେ
ହସଇ ଆନନ୍ଦେ ଭାସି ।'

କବିଙ୍କର ସମସ୍ତ କବିତାରେ ବିଭୁପ୍ରେମ ବିଭୁଦୟାର ଆଭାସ ମିଳିଥାଏ । ତାଙ୍କର 'ସ୍ତବ', 'ସନ୍ଧ୍ୟା', 'ପୃଥିବୀ ପ୍ରତି', 'ଶୋଭା', 'ଧ୍ୱନି' ଓ 'ଋଷିପ୍ରାଣେ ଦେବାବତରଣ' ଆଦି କବିତାଗୁଡ଼ିକରେ ଯେଉଁ କାନ୍ତ, କମନୀୟ, ସଂଯତ ଓ ବିମଳ ମାଧୁରୀର ଛଟା ଫୁଟିଉଠିଛି ତାହା ତାଙ୍କ ଅସାମାନ୍ୟ ସାରସ୍ୱତ ପ୍ରତିଭାର ପରିଚୟ ପ୍ରଦାନ କରିବାରେ ଯଥେଷ୍ଟ । 'ପଦ୍ମ' କବିତାର ଛତ୍ରେ ଛତ୍ରେ ବିଭୁପ୍ରେମର ଅମୀୟ ରସ ପାଠକ ପ୍ରାଣରେ ସ୍ୱଚ୍ଛ ଓ ପବିତ୍ର ଭାବର ଉଦ୍ରେକ କରେ । କବିତାର ଭାଷା, ଭାବ, ରସ ଓ ଛନ୍ଦ ସାହିତ୍ୟରେ ଅଭିନବ ପୀୟୂଷ ବର୍ଷା କରେ ।